ଏକଲବ୍ୟ ପ୍ରକାଶନ

# ଖେଚେଡ଼ି



ପ୍ରସ୍ତୁତି- ଜିତେନ୍ଦ୍ର କୁମାର
ଚିତ୍ର- ଦୁର୍ଗାବାଈ ବ୍ୟାମ୍
ଓଡ଼ିଆ ଅନୁବାଦ- ଦାଶ ବେନହୁର

# ଖେଚେଡ଼ି

ପ୍ରସ୍ତୁତି- ଜିତେନ୍ଦ୍ର କୁମାର
ଚିତ୍ର- ଦୁର୍ଗାବାଇ ବ୍ୟାମ୍

ଏକଲବ୍ୟ ପ୍ରକାଶନ

# ଖେଚେଡ଼ି

**Khechedi... EK LOKKATHA**

Story: Jitendra Kumar
Illustrations: Durgabai Vyam
Oriya Translation: Dash Benhur

🄯 Eklavya
Any part of this book may be used for non-commercial educational purposes under a similar copyleft mark. Mention this book as the source and inform Eklavya. For any other kind of use, kindly contact Eklavya.

This Oriya translation is supported by the Parag initiative of Tata Trusts.

April 2018 / 1500 copies
Reprint: December 2023 / 4000 copies
Paper: 100 gsm Maplitho & 220 Paper board (Cover)
ISBN: 978-93-87926-02-8
Price: ₹ 55.00

Published by:
**EKLAVYA FOUNDATION**
Jamnalal Bajaj Parisar
Near Fortune Kasturi, Jatkhedi,
Bhopal - 462 026 (MP)
Phone: +91 755 - 297 7770, 71, 72
www.eklavya.in / books@eklavya.in

Printed at Box Corrugators and Offset Printers
Bhopal, Phone +91 258 7651






ଥରେ ବିଜୁ ନିଜ ଶାଶୂ ଘରକୁ ଯାଇଥିଲା ।

ଶାଶୂ ତା'କୁ ଡାଲି-ଚାଉଳ ତିଆରି ଗୋଟେ ରନ୍ଧା ଜିନିଷ ଖୁଆଇଲେ ।

ଜିନିଷଟା ବଢ଼ିଆ ଲାଗିଲା ବିଜୁକୁ ।


ସେ ପଚାରିଲା, ଏ ଖାଦ୍ୟର ନାଁ କ'ଣ ?

ଶାଶୂ କହିଲେ, 'ଖେଚେଡ଼ି' ।




ବିଜୁ ମନକୁ ମନ କହିଲା, "ଘରକୁ ଫେରିଲେ ମୁଁ ଖେଚେଡ଼ି ହିଁ ଖାଇବି ।"

କାଳେ ନାଆଁଟା ଭୁଲିଯିବ ସେଥିପାଇଁ ସେ "ଖେଚେଡ଼ି"-"ଖେଚେଡ଼ି" କହି କହି ଘର ଆଡ଼େ ଚାଲିଲା ।




ଯାଉ ଯାଉ ତା' ଗୋଡ଼ ଗୋଟେ ଗାତରେ ପଡ଼ି ମୋଡ଼ି ହୋଇଗଲା । ଘାବରେଇ ଯାଇ ସେ ଖେଚେଡ଼ି ନ କହି 'ଖା-ଚଢ଼େଇ' କହିବାକୁ ଲାଗିଲା ।

ଏବେ ସେ ବାଟ ଚାଲୁ ଚାଲୁ 'ଖା-ଚଢ଼େଇ', 'ଖା-ଚଢ଼େଇ' କହି କହି ଆଗକୁ ଚାଲିଲା ।



ବାଟରେ ଜଣେ ଚାଷୀ ନିଜ ବିଲରେ ମକା ମଞ୍ଜି ବୁଣୁଥିଲେ ।
'ଖା-ଚଢ଼େଇ', 'ଖା-ଚଢ଼େଇ' ଶୁଣି ସେ ରାଗିଗଲେ ।




ଚାଷୀ ଭାବିଲେ ମୁଁ ତ ବିଲରେ ମଞ୍ଜି ବୁଣୁଛି, ଏ କ'ଣ 'ଖା-ଚଢ଼େଇ' କହୁଛି ? ରହ, ଦଉଚି ଏଇଲେ । ଏତିକି କହି ସେ ବିଜୁ ପଛରେ ଦଉଡ଼ିବାକୁ ଲାଗିଲେ । ଡରିଗଲା ବିଜୁ । ତା'ହେଲେ କ'ଣ କହିବି, ପଚାରିଲା ସେ । ଚାଷୀ କହିଲେ, କହ- 'ଉଡ଼ିଆ'-ଚଢ଼େଇ' ।




ବିଜୁ 'ଉଡ଼ିଯା'-ଚଢ଼େଇ', 'ଉଡ଼ିଯା'-ଚଢ଼େଇ' କହି କହି ଚାଲିଲା । ଆଗରେ ଜଣେ ଶିକାରୀ ଚଢ଼େଇ ଧରିବା ଲାଗି ଜାଲ ବିଛେଇଥିଲେ । ''ଉଡ଼ିଯା'-ଚଢ଼େଇ'' ଶୁଣି ରାଗରେ ଲାଲ୍ ପଡ଼ିଗଲେ ।




ଶିକାରୀ ତମତମ ହୋଇ କହିଲେ, "ମୁଁ ଏଣେ ଚଢ଼େଇ ଧରିବି ବୋଲି ବସିଚି, ଏ କ'ଣ କହୁଚି ନା' 'ଉଡ଼ିଯା'-ଚଢ଼େଇ'!" ରହ ଦଉଚି ଏଇଲେ । ସେ ଗୋଡ଼େଇଲେ ବିଜୁ ପଛରେ । ବିଜୁ ଡରିଯାଇ କହିଲା, "ତା'ହେଲେ କ'ଣ କହିବି ?" ଶିକାରୀ କହିଲେ, "କହ- 'ଆ'-ଚଢ଼େଇ' ।"




ଏବେ ବିଜୁ 'ଆ'-ଚଢ଼େଇ', 'ଆ'-ଚଢ଼େଇ' କହି କହି ଚାଲିଥାଏ । ବାଟ ଚାଲୁ ଚାଲୁ ତାକୁ ଭୋକ ଲାଗିଲା । ସେଇଠୁ ସେ ଗୋଟେ ହୋଟେଲରେ ପଶିଯାଇ କହିଲା, "ମୁଁ 'ଆ'-ଚଢ଼େଇ' ଖାଇବି । ହୋଟେଲରେ ତା' କଥା କେହି କିଛି ବୁଝିପାରିଲେନି ।




ମାତ୍ର ବିଜୁ କହି ଲାଗିଥାଏ 'ଆ'-ଚଢ଼େଇ', 'ଆ'-ଚଢ଼େଇ' ଖାଇବି । ହୋଟେଲବାଲା ରାଗିଗଲେ ଏ କଥା ଶୁଣି । ଆଛା କହି ଦି'ପାହାର ଦେଲେ ବିଜୁକୁ । ଏତିକିବେଳେ ବିଜୁର ମାଆ ସେଠି ପହଞ୍ଚିଗଲେ ।



ମାଆ କହିଲେ, "ଆରେ ଆରେ ! ତମେମାନେ ପିଟି ପିଟି ମୋ ପୁଅକୁ 'ଖେଚେଡ଼ି' କରିଦେଲଣି !"

'ଖେଚେଡ଼ି' ଶୁଣି ବିଜୁ ଖୁସି ହେଇଗଲା । କହିଲା, "ହଁ, ହଁ ମୁଁ ଖେଚେଡ଼ି ଖାଇବି ବୋଲି କହୁଥିଲି ।"




parag

AN INITIATIVE OF
TATA TRUSTS

ଏକଲବ୍ୟ ପ୍ରକାଶନ

**Price: ₹ 55.00**

9789387926028